# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 20th February - 2025
***********************************

*Desk*

## ସୂର୍ଯ୍ୟଘର

ରାଜ୍ୟରେ ଗତ ୧୧ ତାରିଖ ସୁଦ୍ଧା ୮୯ ହଜାର ୪୮୨ ଜଣ ଘରୋଇ ଉପଭୋକ୍ତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଆବେଦନ କରିଛନ୍ତି ବୋଲି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି, ସେମାନଙ୍କ ମଧ୍ୟରୁ ୨ ହଜାର ୨୯୭ ଜଣଙ୍କ ଘରେ ସୋଲାର ସଂଯୋଗ ହୋଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ସୌର ସଂଯୋଗ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

*Desk*

## ବିଦ୍ୟୁତ୍ ମିଟର

ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷରୁ ଅଧିକ ସଚଳ ବିଦ୍ୟୁତ୍ ମିଟର ବଦଳାଯାଇ ଡିଜିଟାଲ୍ ମିଟର ସ୍ଥାପନ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ

କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୫୬ ହଜାର ୪୧୮ଟି ମିଟର ବଦଳା ଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧ ଲକ୍ଷ ୨୪ ହଜାର ୭୭୭ଟି ପ୍ରି-ପେଡ୍ ମିଟର ସ୍ଥାପନ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

***Cuttack/R***

## ହାଇକୋର୍ଟ - ଆର୍ଦ୍ରଭୂମି ସତ୍ୟପାଠ

କେନ୍ଦ୍ର ଓ ରାଜ୍ୟ ସରକାର ଓଡ଼ିଶାର ଆର୍ଦ୍ରଭୂମି ସୁରକ୍ଷା ମାମଲାରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିଲିକା ହ୍ରଦଲାଗି ୩୦ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯାଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି । ସେହିଭଳି ଭିତରକନିକା ହେନ୍ତାଳ ବନ ନିମନ୍ତେ ଜାତୀୟ ଉପକୂଳ ମିଶନ ଯୋଜନାରେ ୨୦୨୧ରୁ ୨୦୨୩ ବର୍ଷ ମଧ୍ୟରେ ୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶାର ୫ଟି ରାମସାର୍ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଏବଂ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତାମାସ ୫ ତାରିଖରେ ହେବ ବୋଲି ଜଣାପଡ଼ିଛି ।

*Desk*

# ସି.ବି.ଏସ୍.ଇ. - ଦଶମ ପରୀକ୍ଷା

୨୦୨୬-୨୭ ଶିକ୍ଷାବର୍ଷରୁ ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସି.ବି.ଏସ୍.ଇ. ବର୍ଷକୁ ୨ଟି ପର୍ଯ୍ୟାୟରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ହେବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ନୂତନ ବ୍ୟବସ୍ଥା ଚାପମୁକ୍ତ ଶିକ୍ଷା ପରିବେଶ ସୃଷ୍ଟି ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଅନ୍ୟପକ୍ଷରେ, ବିଦେଶରେ ଥିବା ୨୬୦ଟି ବିଦ୍ୟାଳୟରେ ସି.ବି.ଏସ୍.ଇ. ବୈଶ୍ୱିକ ପାଠ୍ୟକ୍ରମ ଲାଗୁ କରାଯିବ ବୋଲି ଜଣାପଡ଼ିଛି ।

*Desk*

# ନେପାଳୀ ଛାତ୍ରୀ - ହେଲ୍‌ପଲାଇନ ନମ୍ବର

ଭୁବନେଶ୍ୱରରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଏହା ପରବର୍ତ୍ତୀ ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ସହାୟତା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୪ଟି ହେଲ୍‌ପ୍‌ଲାଇନ୍ ନମ୍ବର ଜାରି କରାଯାଇଛି । ସେହି ନମ୍ବରଗୁଡ଼ିକ ହେଉଛି - ୦୬୭୪-୨୩୯୬୫୫୦, ୨୩୨୩୪୦୧, ୨୩୨୩୪୦୨ ଓ ୨୩୨୩୪୦୩ । ଏଥିସହିତ ଏକ

ହ୍ୱାଟ୍‌ସଆପ୍ ନମ୍ବର ମଧ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଛି । ସେହି ନମ୍ବରଟି ହେଉଛି - ୯୧୨୪୬୨୦୬୦୫ । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କଦ୍ୱାରା ଏକ ଉଚ୍ଚସ୍ତରୀୟ କମିଟି ଗତକାଲିଠାରୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

***GNR***

# ଦିଲ୍ଲୀ – ନୂତନ ମୁଖ୍ୟମନ୍ତ୍ରୀ

ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତା ଆଜି ଶପଥ ଗ୍ରହଣ କରିବେ । ରାମଲୀଳା ମଇଦାନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଗତକାଲି ବି.ଜେ.ପି. ବିଧାୟକ ଦଳର ନେତା ଭାବେ ମନୋନୀତ ହେବା ପରେ ଶ୍ରୀମତୀ ଗୁପ୍ତା ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍‌ସେନାଙ୍କୁ ଭେଟି ସରକାର ଗଠନପାଇଁ ଦାବିପତ୍ର ପ୍ରଦାନ କରିଥିଲେ ।

***BBSR/R***

# ଉତ୍ତର ଓଡ଼ିଶା ବିକାଶ ପରିଷଦ

ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଗଠିତ ଟାସ୍କଫୋର୍ସର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବିକାଶ ପରିଷଦ ଗଠନ ନେଇ ପ୍ରସ୍ତୁତ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ରିପୋର୍ଟ ଉପରେ ସଦସ୍ୟଙ୍କ ମତାମତ ମିଳିବା ପରେ ପୂର୍ଣ୍ଣାଙ୍ଗ ଭାବେ ପ୍ରସ୍ତୁତ

ରିପୋର୍ଟକୁ ଆସନ୍ତା ମାସ ୧୦ ତାରିଖ ସୁଦ୍ଧା କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

***Ganjam/R***

## ଆମ ହସ୍ପିଟାଲ୍ ଯୋଜନା

ଗଞ୍ଜାମ ଜିଲ୍ଲାରେ 'ଆମ ହସ୍ପିଟାଲ୍' ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ୪୯ଟି ସରକାରୀ ଡାକ୍ତରଖାନାକୁ ସାମିଲ୍ କରାଯାଇଛି । ଏଥିପାଇଁ ୮୩ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ସୂଚନା ଅନୁଯାୟୀ, ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୧ଟି ସରକାରୀ ଡାକ୍ତରଖାନାର ଉନ୍ନତୀକରଣ କାର୍ଯ୍ୟ ହୋଇଛି ।

***Bhadrak/R***

## ନିଯୁକ୍ତିମେଳା

ଭଦ୍ରକ ଜିଲ୍ଲାରେ ଆସନ୍ତାମାସ ୨୩ ତାରିଖରେ ନିଯୁକ୍ତି ଓ ଦକ୍ଷତା ବିକାଶ ମେଳା ଆୟୋଜିତ ହେବ । ଏନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

*Nuapada/R*

# ଗ୍ରୀଷ୍ମପ୍ରବାହ - ପ୍ରସ୍ତୁତି ବୈଠକ

ନୂଆପଡ଼ା ଜିଲ୍ଲାରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଜିଲ୍ଲା ଜରୁରୀକାଳୀନ ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଳସଙ୍କଟ ଥିବା ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସହ ଅଂଶୁଘାତଜନିତ ମୁକାବିଲା ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟବିଭାଗକୁ କୁହାଯାଇଛି ।

*Desk*

# ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏଫ୍.ଆଇ.ଏଚ୍. ପ୍ରୋ ଲିଗର ପୁରୁଷ ବର୍ଗ ମ୍ୟାଚ୍‌ରେ ଗତକାଲି ଭାରତ ୧-୦ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରିଛି ।

ଅପରପକ୍ଷରେ ମହିଳା ବର୍ଗରେ ଭାରତ ଓ ସ୍ପେନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସ୍ପେନ୍ ୧-୦ ଗୋଲ୍‌ରେ ବିଜୟୀ ହୋଇଛି ।

*Desk*

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଗତକାଲି ବାଲେଶ୍ୱରରେ ସର୍ବାଧିକ ୧୭ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଯାଜପୁର ଓ ଢେଙ୍କାନାଳ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****